BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A003
https://bageesha.in
OPEN ACCESS

# ତନ୍ତ୍ରଧାରାରେ ସୋନପୁରର ବଳିଯାତ୍ରା

■ ସନ୍ତୋଷ ଭୋଇ

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ସୋନପୁର

Article Received : 15.12.2024 | Accepted : 25.12.2024 | Published : 10.01.2025

**ସାରାଂଶ** ABSTRACT

ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ତ୍ରିବେଣୀ ସଂଗମ ହେଉଛି ସୋନପୁର। ଏତଦ ବ୍ୟତୀତ ଶୈବ, ଶାକ୍ତ ଓ ବୌଦ୍ଧ ଧର୍ମର ସମନ୍ୱୟ ଏଠାରେ ଦେଖିବାକୁ ମିଳେ। କେଉଁ ପ୍ରାଚୀନ କାଳରୁ ଏଠାରେ ଶକ୍ତି ପରମ୍ପରା ଅବ୍ୟାହତ ରହିଛି ତାହା କଳନା କରିବା କଷ୍ଟକର ବ୍ୟାପାର। ସୋନପୁରର ଅଷ୍ଟଚଣ୍ଡୀ ହେଉଛନ୍ତି ଏହାର ଉଦାହରଣ। ଏହି ଅଷ୍ଟଚଣ୍ଡୀକୁ ଆଧାର କରି ଆଶ୍ୱିନ ମହାଳୟାରୁ କାର୍ତ୍ତିକ ପ୍ରତିପଦା ପର୍ଯ୍ୟନ୍ତ ସୋନପୁରରେ ବଳିଯାତ୍ରା ଅନୁଷ୍ଠିତ ହୋଇଥାଏ। ଷୋଳଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଯାତ୍ରାର ଇତିହାସ ବହୁ ପ୍ରାଚୀନ। ଏହା ପ୍ରଥମେ ଆଦିବାସୀ ଗଣ୍ଡ ସମ୍ପ୍ରଦାୟର ଦେବତା ବୁଢାରଜାଙ୍କୁ ନେଇ ଅନୁଷ୍ଠିତ ହେଉଥିଲା। ପରେ ସୋନପୁରର ରାଜବଂଶ ପ୍ରତିଷ୍ଠା ପରେ ଇଷ୍ଟଦେବୀ ସମଲେଇ ଏବଂ ସ୍ତମ୍ଭେଶ୍ୱରୀକୁ ନେଇ ବଳିଯାତ୍ରା ଆରମ୍ଭ ହେଲା। ସମ୍ପ୍ରତି ଏହା ସୋନପୁର ସର୍ବବୃହତ ଗଣପର୍ବ ଅଟେ।

ମୂଳଶବ୍ଦ: ସୋନପୁର, ବଳିଯାତ୍ରା, ତନ୍ତ୍ର, ବରୁଆ, ଶକ୍ତି, ବୁଢାରାଜା, ସମଲେଇ , ସୁରେଶ୍ୱରୀ, ଗଣପର୍ବ

ତନ୍ତ୍ର-ମନ୍ତ୍ର-ଯନ୍ତ୍ର ସାଧନାର ପ୍ରାଚୀନ ପୀଠ ହେଉଛି ସୋନପୁର। କେଉଁ କାଳରୁ ଏଠାରେ ଶକ୍ତି ପରମ୍ପରା ଅବ୍ୟାହତ ରହିଛି ତାହା କଳନା କରିବା କଷ୍ଟ। ବଳିଯାତ୍ରା ସୋନପୁରର ଶକ୍ତି ପରମ୍ପରାର ଏକ ବଳିଷ୍ଠ ଉଦାହରଣ। ସୋନପୁରର ଅଷ୍ଟଚଣ୍ଡୀ ଭାବରେ ଖମ୍ଭେଶ୍ୱରୀ, ସୁରେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ଦଶମତୀ, ନାରାୟଣୀ, ରାମଚଣ୍ଡୀ ଓ ବିମଳାକ୍ଷୀ ପ୍ରସିଦ୍ଧିଲାଭ କରିଛନ୍ତି। ଏହି ଅଷ୍ଟଶକ୍ତିଙ୍କୁ ଆଧାର କରି ଆଶ୍ୱିନ ମହାଳୟାରୁ କାର୍ତ୍ତିକ ପ୍ରତିପଦା ପର୍ଯ୍ୟନ୍ତ ସୋନପୁରରେ ବଳିଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶେଷ କରି ତ୍ରିଶକ୍ତି ଯଥା- ସମଲେଶ୍ୱରୀ, ସୁରେଶ୍ୱରୀ ଓ ଖମ୍ଭେଶ୍ୱରୀଙ୍କୁ ଆଧାର କରି ଏହି ବଳିଯାତ୍ରା ଅନୁଷ୍ଠିତ ହୁଏ। ଷୋଳଦିନ ବ୍ୟାପୀ ବିଭିନ୍ନ ନୀତିକାନ୍ତି ମଧ୍ୟରେ ଏହି ପର୍ବ ସମାହିତ ହୋଇଥାଏ। ଏହି ଷୋଳଦିନ ବ୍ୟାପୀ ବଳିର ପ୍ରତିନିଧିତ୍ୱ କରୁଥିବା ଦେବତା 'ବରୁଆ'ଙ୍କୁ ପୂଜା କରାଯାଇଥାଏ। ମା' ସମଲେଇ (ସମଲେଶ୍ୱରୀ) ତାଙ୍କ ଠାରେ ଉଭା ହୁଅନ୍ତି। ତେଣୁ ମା' ସମଲେଇ ଭାବରେ ସେ ପ୍ରତି ଶକ୍ତିପୀଠକୁ ଯାତ୍ରା କରନ୍ତି। ଏହି ସମୟରେ ଢୋଲ, ନିଶାନ ଏବଂ ଘଣ୍ଟର ତାଳେ ତାଳେ ତାଙ୍କର ତେଜସ୍ୱୀ ରୂପ ନୃତ୍ୟ କରେ। ଆଧ୍ୟାତ୍ମିକ ସ୍ତରଦେଇ ଭୟର ବାତାବରଣ ସୃଷ୍ଟିକରୁଥିବା ଏହି ପର୍ବ ସୁବର୍ଣ୍ଣପୁର ଜିଲ୍ଲାର ଶ୍ରେଷ୍ଠ ଏବଂ ବଡ଼ ଲୋକପର୍ବ ଅଟେ। ପୂର୍ବେ ଏହି ପର୍ବ ରାଜପରିବାର ଦ୍ୱାରା ସମାହିତ ହେଉଥିଲା। ସମ୍ପ୍ରତି ପ୍ରଶାସନର ଦାୟିତ୍ୱରେ ଏହି ପର୍ବ ପରିଚାଳିତ ହେଉଛି।

'ବଳି' ଶବ୍ଦର ଅକ୍ଷରିକ ଅଭିଧାନିକ ଅର୍ଥ ହେଉଛି ନୈବେଦ୍ୟ, ପୂଜା ସାମଗ୍ରୀ, ବଳଶାଳୀ ଏବଂ ସମର୍ପଣ। ପଶୁ ଯଜ୍ଞ ବା ଯଜ୍ଞରେ ପଶୁ ବଧ ଏବଂ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଛେଦନକୁ ମଧ୍ୟ 'ବଳି' ବୋଲି କୁହାଯାଏ। ମାତ୍ର ସୋନପୁରରେ 'ବଳି' ଶବ୍ଦର ଅର୍ଥ 'ବରୁଆ' (କାଳେସୀ)। ଏଣୁ ଯେଉଁ ବ୍ୟକ୍ତି ଠାରେ ଠାକୁରାଣୀ ଆବିଷ୍ଟା ବା ଉଭା ହୁଅନ୍ତି ତାହାକୁ 'ବଳି' ବୋଲି କୁହାଯାଏ। 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ ଏ ସମ୍ପର୍କରେ ଉଲ୍ଲେଖ ଅଛି କି- "ଆଶ୍ୱିନ ପର୍ବ ସମୟରେ ସମଲେଇ ଠାକୁରାଣୀ ଯେଉଁ ଡାଙ୍ଗୁଆ ସେବକ ଠାରେ ଉଭା ହୁଅନ୍ତି, ସେହି ବ୍ୟକ୍ତି ଠାକୁରାଣୀଙ୍କ ଠାରେ ଦିଆଯାଇଥିବା ପଶୁର ଗଣ୍ଡିକୁ ହାତରେ ଧରି ତାହାର ତୋଟିରୁ ସ୍ରବୁଥିବା ରକ୍ତକୁ ଶୋଷି କରି ପିଇ ସେ ଗଣ୍ଡିକୁ ତଳେ ପକାଇ ଦିଏ। ସୋନପୁର ଅଞ୍ଚଳରେ ଯେଉଁ ଜୀବକୁ ବଳି ଦିଆଯାଏ ତାହାର ନାମ ପଶୁ ଓ ଯାହାଠାରେ ଠାକୁରାଣୀ ଉଭା ହୁଅନ୍ତି ତାହାକୁ ବଳି କୁହନ୍ତି।" ଏହି ଯାତ୍ରାରେ ଦୈବୀ ଶକ୍ତି ଆରୁଢ଼ ହୋଇ ବରୁଆ ବା କଳେସୀ ନୃତ୍ୟ କରିଥାନ୍ତି। ଦୈବୀ ଶକ୍ତି ଧାରଣ ପରେ ବରୁଆକୁ ବଳି

ବୋଲି କୁହାଯାଏ। ଏଥିନିମନ୍ତେ ଷୋଳଦିନ ପର୍ଯ୍ୟନ୍ତ ସେମାନେ ନିଷ୍ଠାର ସହିତ ଶୁଚିମନ୍ତ ହୋଇ ଶ୍ରଦ୍ଧାଶୀଳ ଭାବରେ ଶାକ୍ତ ତନ୍ତ୍ରପ୍ରତି ସମର୍ପିତ ରହିଥାନ୍ତି। ଏଣୁ ଦେବୀମାନଙ୍କର ଶକ୍ତି ଏବଂ ପରାକ୍ରମକୁ ଆଧାର କରି 'ବଳି' ଶବ୍ଦର ପ୍ରୟୋଗ ହୋଇଥିବା ଦେଖାଯାଏ। ଏତଦବ୍ୟତୀତ ପୂର୍ବକାଳରେ ବହୁପରିମାଣରେ ପନ୍ଦର ଦିନ ବ୍ୟାପୀ ପୋଢ଼, ମେଣ୍ଢା, ବୋଦା ଏବଂ କୁକୁଡ଼ା ଆଦି ବଳି ଦିଆଯାଉଥିବାରୁ ଲୋକମାନସରେ ଏହା ବଳିଯାତ୍ରା ଭାବରେ ଖ୍ୟାତିଲାଭ କରିଥିବ।

ଶକ୍ତି ପ୍ରବେଶ ସମୟରେ ବରୁଆ ସଂଜ୍ଞାହୀନ ହୋଇଯାଆନ୍ତି। ସଂଜ୍ଞା ପାଇ ବରୁଆ ଢୋଲବାଦ୍ୟ (ଭରନି)ର ତାଳେ ତାଳେ ନୃତ୍ୟ କରିଥାନ୍ତି। ଜଣେ ମନୁଷ୍ୟ ଶରୀରରେ ଶକ୍ତିର ପ୍ରବେଶ କରାଇବାରେ ଭରନି ପାହାର (ବାଦ୍ୟ)ର ପ୍ରମୁଖ ଭୂମିକା ରହିଥାଏ। ବରୁଆ ଦୁଇ ହାତରେ ଛତ୍ର ଧରି ଉପରକୁ ଉଠି ନୃତ୍ୟ କରନ୍ତି। ଏହାପରେ ଲୋକେ ତାଙ୍କୁ ମାଆ ବୋଲି ସମ୍ବୋଧନ କରନ୍ତି। ଲୋକମାନେ ତାଙ୍କୁ ପୂଜା କରନ୍ତି। ନିଜର ସମସ୍ୟା ଦେବୀଙ୍କ ଆଗରେ ପ୍ରକାଶ କରନ୍ତି। ବଳି ଭୂତ, ଭବିଷ୍ୟ ଏବଂ ବର୍ତ୍ତମାନର ବାଣୀ କରନ୍ତି। ସାଧାରଣତଃ ଯାତ୍ରା କହିଲେ ଆମେ ଭ୍ରମଣକୁ ବୁଝୁ। ବିଭିନ୍ନ ପୀଠକୁ ବରୁଆ ବା ବଳି ଏହି ସମୟରେ ଯାତ୍ରା କରୁଥିବାରୁ ଏହାକୁ ବଳିଯାତ୍ରା ବୋଲି କୁହାଯାଏ। ଏହି ସମୟରେ ମଧ୍ୟ ଅନ୍ୟାନ୍ୟ ଶକ୍ତି ବରୁଆଙ୍କ ସହିତ ବିଭିନ୍ନ ଶକ୍ତିପୀଠକୁ ଯାତ୍ରା କରିଥାନ୍ତି।

ଏହି ଯାତ୍ରାରେ ପ୍ରାଚୀନକାଳରେ କନ୍ଧ, ଗଣ୍ଡା, କୁଲି ପ୍ରଭୃତି ଆଦିବାସୀମାନଙ୍କ ଦ୍ୱାରା ସମାହିତ ହେଉଥିଲା। ଏହି ଯାତ୍ରାର ପାରମ୍ପରିକ ବିଧିବିଧାନ ସେମାନଙ୍କ ଦ୍ୱାରା ନିର୍ବାହ ହେଉଥିଲା। ରାଜତନ୍ତ୍ର ଏବଂ ବ୍ରାହ୍ମଣବାଦର ଆଧିପତ୍ୟ ଯୋଗୁଁ ଆଦିବାସୀମାନଙ୍କୁ କ୍ରମଶଃ ବଳିଯାତ୍ରାରୁ ଦୂରେଇ ଦିଆଯାଇଛି। ରାଜପରିବାର ତରଫରୁ ବଳିଯାତ୍ରା ଶୃଙ୍ଖଳିତ ଓ ଆୟତ୍ତାଧୀନ ହେଲାପରେ କେତେକ ନିର୍ଦ୍ଦିଷ୍ଟ କାମରେ ଆଦିବାସୀମାନଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଉଚ୍ଚବର୍ଗର ଉପାଧି ପ୍ରଦାନ କରାଯାଇଛି। ଛତିଶ ପାଟକ (ବଳିଯାତ୍ରାର ଛତିଶ ସେବାୟତ) ମଧ୍ୟରେ କେତେକ ଆଦିବାସୀ ପରିବାର ଉଚ୍ଚପାହ୍ୟା ପାଇ କର୍ମନିର୍ବାହ କରୁଛନ୍ତି।

ପ୍ରଥମ ଚୌହାନ ରାଜା ମଦନଗୋପାଳ ସିଂହଦେଓଙ୍କ ସମୟରୁ ବଳିଯାତ୍ରା ଆରମ୍ଭ ହୋଇଛି ବୋଲି ସୋନପୁର ଇତିହାସରୁ ଜଣାପଡ଼େ। ସେ ଭାଇଭାଗ ରୂପେ ସୋନପୁରକୁ ପାଇଥିଲେ। ସୋନପୁରର ଚୌହାନ ବଂଶ ଶାସନ କରିବା ପୂର୍ବରୁ ଏହି ଅଞ୍ଚଳ ସୋମ ଏବଂ ଭଞ୍ଜମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ଏହା ବୌଦ୍ଧ ଗଡ଼ଜାତର ଅଧୀନରେ ଥିଲା। ସମ୍ବଲପୁରର ରାଜା ବଳରାମ ଦେବ (୧୬୦୫-୧୬୩୦) ବୌଦ୍ଧରାଜା ସିଦ୍ଧି ଭଞ୍ଜଙ୍କୁ ପରାସ୍ତ କରି ସମ୍ବଲପୁର ସହିତ ମିଶାଇ ଦେଇଥିଲେ। ଫଳରେ ତାଙ୍କର ଦ୍ୱିତୀୟ ନାତି ମଦନ ଗୋପାଳ ସିଂହଦେଓ ଏହି ଅଞ୍ଚଳର ଶାସନ ଦାୟିତ୍ୱରେ ରହିଥିଲେ। ସୋନପୁର ରାଜ୍ୟ ସହିତ ଭୁବନେଶ୍ୱରୀ, ପାଟମାହେଶ୍ୱରୀ ଓ ଅନ୍ୟାନ୍ୟ ଦେବଦେବୀଙ୍କ ସହିତ ପାଟଖଣ୍ଡା, ଦୋଳଖଣ୍ଡା ସୋନପୁରରୁ ଆଣି ପ୍ରତିଷ୍ଠା କରିଥିଲେ। ତାଙ୍କ ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କୁ ମଧ୍ୟ ସେ ସୋନପୁରରେ ପ୍ରତିଷ୍ଠା କରିଥିଲେ। ଏହା ପରେ ସେ ସମଲେଶ୍ୱରୀ ମନ୍ଦିରକୁ ନେଇକି ବଳିଯାତ୍ରା ଆରମ୍ଭ କରିଥିଲେ। ମାତ୍ର ଏହା ପୂର୍ବରୁ ସୋନପୁରରେ ବସବାସ କରୁଥିବା କନ୍ଧ ଏବଂ ଗଣ୍ଡ ସମ୍ପ୍ରଦାୟରେ ବଳିପୂଜା ପ୍ରଚଳିତ ଥିଲା। ପୂର୍ବେ ବୁଢ଼ାରଜା (ଗଣ୍ଡଦେବତା)ଙ୍କ ପାଖରେ ବଳିଯାତ୍ରାର ନୀତିକାନ୍ତି ଅନୁଷ୍ଠିତ ହେଉଥିଲା। ବଳିଯାତ୍ରାର ପ୍ରଥମ ଦିନ (ଆଶ୍ୱିନ ଅମାବାସ୍ୟା) ଉଆଁସ ବଳିଯାତ୍ରାରେ ବଳି ସମଲେଇପୀଠରୁ ବୁଢ଼ାରଜାଙ୍କ ପାଖକୁ ଯାତ୍ରା କରିଥାନ୍ତି। ସେଠାରେ ବୁଢ଼ାରଜା ଏବଂ ସମଲେଇ ଉଭାଥିବା ବଳିଙ୍କର ଭେଟହୁଏ। ଏଣୁ ରାଜା ମଦନଗୋପାଳ ଏହାକୁ ସଂସ୍କାରିତ କରି ନିଜ ଇଷ୍ଟଦେବୀ ସମଲେଶ୍ୱରୀ ଏବଂ ଅନ୍ୟଦେବୀମାନଙ୍କ ସହ ଯୋଡ଼ିଛନ୍ତି।

ବିଜୟ ଚନ୍ଦ୍ର ମଜୁମଦାରଙ୍କ ମତରେ ରାଜା ରାଜସିଂହ ଦେଓଙ୍କ ରାଣୀ (ଖେମେଣ୍ଡିର ରାଜକୁମାରୀ) ଖେମିଣ୍ଡିରୁ ଆଣିଥିବା କାଷ୍ଠନିର୍ମିତ ସ୍ତମ୍ଭେଶ୍ୱରୀ ମୂର୍ତ୍ତି ରାଜାଙ୍କୁ ଉପହାର ଦେଇଥିଲେ। ରାଣୀ ସ୍ତମ୍ଭେଶ୍ୱରୀଙ୍କ ପ୍ରତି ସମର୍ପିତ ମନୋଭାବ ଦେଖି ରାଜା ରାଜସିଂହ ଦେଓ ସୋନପୁରରେ ସ୍ତମ୍ଭେଶ୍ୱରୀ ବା ଖମ୍ଭେଶ୍ୱରୀ ମନ୍ଦିର ନିର୍ମାଣ କରିଥିଲେ। ପ୍ରାଚୀନ କାଳରେ ବୌଦ୍ଧ ଏବଂ ସୋନପୁରରେ କନ୍ଧ ଏବଂ ଡୁମାଳ ସମ୍ପ୍ରଦାୟର ଲୋକମାନେ ସ୍ତମ୍ଭେଶ୍ୱରୀଙ୍କୁ ଇଷ୍ଟଦେବୀ ଭାବରେ ପୂଜା କରୁଥିଲେ। ଅଦ୍ୟାପି ସୋନପୁରରେ ସ୍ତମ୍ଭେଶ୍ୱରୀ ମନ୍ଦିରରେ ଅଣବ୍ରାହ୍ମଣ ଡୁମାଳମାନେ ପୂଜା କରୁଛନ୍ତି। ବଳିଯାତ୍ରା ସମୟରେ ସେମାନଙ୍କର ପ୍ରମୁଖ ଭୂମିକା ରହିଛି। ତେଣୁ ପ୍ରାରମ୍ଭିକ ସମୟରେ ବୁଢ଼ାରଜାଙ୍କ ଠାରୁ ବଳିଯାତ୍ରାର ଶୁଭାରମ୍ଭ ଘଟି ସମଲେଶ୍ୱରୀ, ସ୍ତମ୍ଭେଶ୍ୱରୀ ଏବଂ ସୁରେଶ୍ୱରୀଙ୍କ ସମେତ ଅନ୍ୟ ପଞ୍ଚଚଣ୍ଡୀଙ୍କୁ ବଳିଯାତ୍ରା ସହ ଯୋଡ଼ାଯାଇ ଆଦିବାସୀ ଯାତ୍ରାକୁ ସଂସ୍କାରିତ କରାଯାଇଛି।

ପନ୍ଦର ଦିନ ମଧ୍ୟରେ ସର୍ବମୋଟ ଏଗାରଟି ବଳି ଅନୁଷ୍ଠିତ ହୁଏ। ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଉଲ୍ଲେଖ କରାଗଲା-

୧. ମହାଳୟା- ସମଲେଶ୍ୱରୀ ମନ୍ଦିରରେ ଉଆଁସ ବଳି ବା ବୁଢ଼ାରଜା ବଳି

୨. ପ୍ରତିପଦା, ଦ୍ୱିତୀୟା ଏବଂ ତୃତୀୟା- ସମଲେଶ୍ୱରୀ ମନ୍ଦିରରେ ଉପନବଳି ବା ନିଶାବଳି

୩. ଚତୁର୍ଥୀ ଦିନ- ଅଷ୍ଟଚଣ୍ଡୀ ନିଶାପୂଜା ଏବଂ ଖମ୍ଭେଶ୍ୱରୀ ପୀଠରେ ପଞ୍ଚମୀ ବଳି ବା ଖୌଳଫିଟା ବଳି

୪. ପଞ୍ଚମୀ ଦିନ- ସମଲେଶ୍ୱରୀ ମନ୍ଦିରରେ ପୂଜା ଓ ବଳି

୫. ଷଷ୍ଠୀ ଦିନ- ସମଲେଶ୍ୱରୀ ମନ୍ଦିରରେ ପୂଜା ଓ ବଳି

୬. ସପ୍ତମୀ ଦିନ- ଭୁବନେଶ୍ୱରୀ ଦେବୀ ସମଲେଇ ପୀଠକୁ, ଭଗବତୀ, ଦଶମତୀ, ନାରାୟଣୀ, ରାମଚଣ୍ଡୀ ସୁରେଶ୍ୱରୀ ପୀଠକୁ ଓ କନକଦୁର୍ଗା ଖମ୍ଭେଶ୍ୱରୀ ପୀଠକୁ ଯାତ୍ରା।

୭. ଅଷ୍ଟମୀ ଦିନ- ମହାଷ୍ଟମୀ ବଳି ଏବଂ ଭାଇଜୀଉଁତିଆ

୮. ନବମୀ ଦିନ- ଗାଏନ ବଳି, ଡାଙ୍ଗୁଆ ବଳି ଓ ମହାନବମୀ ବଳି ବା ମହାବଳି ଯାତ୍ରା

୯. ଦଶମୀ ଦିନ- ସମଲେଶ୍ୱରୀ ପୀଠରେ ପୂଜା ଓ ବଳି, ଭୁବନେଶ୍ୱରୀ ଦେବୀ, ଦୁର୍ଗାଦେବୀ ଅନ୍ୟ ଦେବୀମାନଙ୍କର ପ୍ରତ୍ୟାବର୍ତ୍ତନ।

୧୦. ପୂର୍ଣ୍ଣମୀ ଦିନ- ପୂର୍ଣ୍ଣମୀ ବଳି

୧୧. କାର୍ତ୍ତି ପ୍ରତିପଦା- ଜାଙ୍ଗଳି ବଳି

ଦେବଦେବୀଙ୍କୁ ପୂଜା କରିବା ପାଇଁ ମଣ୍ଡଳର ଆବଶ୍ୟକତା ହୋଇଥାଏ। ମଣ୍ଡଳର ଅର୍ଥ ରେଖାତ୍ମକ ସୂଚନା, ଯାହା ଦ୍ୱାରା ଦେବଦେବୀଙ୍କୁ ଆରାଧନା କରାଯାଇଥାଏ। ଏହା ତନ୍ତ୍ର ସମ୍ମତ। ତନ୍ତ୍ର ସାଧାରଣରେ ଦୁଇପ୍ରକାର। ଯଥା- ଲୌକିକ ତନ୍ତ୍ର ଓ ଶାସ୍ତ୍ରୀୟ ତନ୍ତ୍ର। ଲୌକିକ ତନ୍ତ୍ରରେ ପାର୍ଥିବ ସୁଖ ସମ୍ପଦ ଏବଂ ଅଲୌକିକତା ପ୍ରତିପାଦନ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଶାସ୍ତ୍ରୀୟ ତନ୍ତ୍ରରେ ସାଧକର ଆଧ୍ୟାତ୍ମିକତା ବିକାଶ ଦିଗରେ ଗୁରୁତ୍ୱ ଦିଆଯାଇଥାଏ। ତନ୍ତ୍ରର ଇତିହାସ ଖୋଜିବସିଲେ ଏହା ପ୍ରାକ୍-ବୈଦିକ କାଳରୁ ଭାରତୀୟ ଜନମାନସରେ ଉଜ୍ଜିବୀତ ଥିବାର ଲକ୍ଷ୍ୟ କରାଯାଏ। ହରପ୍ପା ସଭ୍ୟତାରୁ ମିଳିଥିବା ଦେବଦେବୀଙ୍କ ମୂର୍ତ୍ତି ଏହାର ଉଦାହରଣ। ବୈଦିକ ସଭ୍ୟତାରେ କୌଣସି ଦେବଦେବୀଙ୍କ ପ୍ରତିମାକୁ ପୂଜା କରାଯିବାର ପ୍ରମାଣ ମିଳେନାହିଁ। ମାତ୍ର ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଅନୁଷ୍ଠିତ କରି ସମୋନଙ୍କୁ ଆବହନ କରିବା କଥା ବର୍ଣ୍ଣିତ ହୋଇଛି। ତେଣୁ ବୈଦିକକାଳୀନ ସଭ୍ୟତାରେ ଯଜ୍ଞ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ପରବର୍ତ୍ତୀ ସମୟରେ ଜୈନତନ୍ତ୍ର ଏବଂ ବୌଦ୍ଧତନ୍ତ୍ରର ପ୍ରବେଶ ଫଳରେ ଆର୍ଯ୍ୟସଂସ୍କୃତି ମଧ୍ୟରେ ତନ୍ତ୍ରର ସଂସ୍କୃତିର ଅନୁପ୍ରବେଶ ଘଟିଲା। ଆଦିବାସୀମାନେ ତନ୍ତ୍ରମନ୍ତ୍ରର ପ୍ରୟୋଗ କରି ସାଧନା କରୁଥିବାର ପ୍ରମାଣ ଦେଖିବାକୁ ମିଳେ। ଏହାକୁ ସିଡ଼ି ବା କୀଲନ୍ ବୋଲି କୁହାଯାଏ। ପୂଜା କରିବା ନିମନ୍ତେ ପ୍ରତ୍ୟକ ଆଦିବାସୀ ସମଜର ଜଣେ ଜଣେ କୁଶଳୀ ତାନ୍ତ୍ରିକ ବା ଦିଶାରୀ କୁ ଖୋଜାଯାଏ। ଏମାନଙ୍କୁ ବିଭିନ୍ନ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ନାମରେ ପରିଚିତ ଥିବା ଜଣାଯାଏ। ଯଥା- ଦେହୁରୀ ଦିଆରି, ଜାନି, ଦେହେରି, କୁଡ଼ାନ, ନାଇକ, ଝାଙ୍କର ଇତ୍ୟାଦି।

ତନ୍ତ୍ର ମନ୍ତ୍ର ଦ୍ୱାରା ଅଙ୍କନ କରାଯାଉଥିବା ରୈଖିକ ଚିତ୍ରକୁ ଯନ୍ତ୍ର ବୋଲି କୁହାଯାଇଥାଏ। ଏହା ଦେବଦେୀଙ୍କ ସଂକେତକୁ ବହନ କରିଥାଏ। ତେଣୁ ଯନ୍ତ୍ରରେ ବୀଜମନ୍ତ୍ର ସ୍ଥାପନ କରାଯଇ ଦେବ ଦେବୀଙ୍କୁ ଆବାହନ କରାଯାଏ।

ତନ୍ତ୍ରର 'ଅଦ୍ୱୈତ ସିଦ୍ଧାନ୍ତ' ଦର୍ଶାନୁସାରେ ସୃଷ୍ଟିର ମୂଳ ରହସ୍ୟକୁ ବୁଝିବାକୁ ହେଲେ ଶକ୍ତିଗର୍ଭରେ ଅନ୍ତଃସଂହୃତ ଭାବରେ ଥିବା ଅଭିନ୍ନ ରୂପକୁ ବୁଝିଖିବାକୁ ହେବ। ମାତ୍ର ଯେତେବେଳେ ପରାଶକ୍ତି ସ୍ୱଇଚ୍ଛାରେ ନିଜର ସ୍ଫୁରତା ଦର୍ଶନ କରନ୍ତି ସେତେବେଳେ ବିଶ୍ୱସୃଷ୍ଟି ହୋଇଥାଏ। ଏହା ହିଁ ଶିବ ଓ ଶକ୍ତିଙ୍କର ଅଭିନ୍ନ ଭାବ। ଶିବ ଏଠାରେ ଅଗ୍ନି ବା ସଂବର୍ତ୍ତାନଳ ଏବଂ ଶକ୍ତି ଏଠାରେ ସୋମ ବା ବିବର୍ତ୍ତଚନ୍ଦ୍ର। ତେଣୁ ଉଭୟେ ସାମ୍ୟ ଚରମ ଅବସ୍ଥାର ବିନ୍ଦୁ ପଦବାଚ୍ୟ। ଏହି ବିନ୍ଦୁ ହେଉଛି କାମ ବା ରତି। ବିନ୍ଦୁ କ୍ଷୋଭିତ ହେଲେ ସୃଷ୍ଟିର ଆରମ୍ଭ ହୁଏ। ତେଣୁ ଅଙ୍କିତ ଯନ୍ତ୍ରଗୁଡ଼ିକର ମଧ୍ୟଭାଗରେ ବିନ୍ଦୁଥିବାର ଦେଖିବାକୁ ମିଳେ।

ଚାରୋଟି ବାକ୍ ପଶ୍ୟନ୍ତୀ, ମଧ୍ୟମା, ଅଭିନ୍ନ ଏବଂ ବୈଖାରୀ ମୂଳ ତ୍ରିକୋଣ ବା ମହାଯୋନିରୁ ସୃଷ୍ଟି ହୁଏ। ପଶ୍ୟନ୍ତୀ ଏହାର ବାମ ରେଖା, ବୈଖାରୀ ଦକ୍ଷିଣ ରେଖା, ମଧ୍ୟମା ସରଳ ରେଖା ଏବଂ ମଧ୍ୟସ୍ଥ ମହାବିନ୍ଦୁ ହିଁ ଅଭିନ୍ନ ଭାବରେ ଶିବ ଏବଂ ଶକ୍ତିଙ୍କର ଆସନ ଧାରଣ କରିଛି। ଏହି ତ୍ରିକୋଣ ମଣ୍ଡଳ ଚିତ୍‌କଳାର ଆଭାରେ ଉଦ୍‌ଭାସିତ ହୁଏ। ପର୍ଯ୍ୟାୟକ୍ରମେ ସୃଷ୍ଟି ଏବଂ ଲୟ ନିମନ୍ତେ ଦୁଇଟି ତ୍ରିକୋଣ କଳ୍ପନାରୁ ଷଠ୍‌କୋଣର ଉଦୟ ହୁଏ। ମଧ୍ୟତ୍ରିକୋଣ ବିନ୍ଦୁ ହେଉଛି ନିସର୍ଗମୟ। ଏହାର ପ୍ରତିରେଖା ହେଉଛି ପଞ୍ଚସ୍ୱରମୟ। ଏହି ତ୍ରିକୋଣ ସ୍ପନ୍ଦିତ ହେଲେ ଷଠ୍‌କୋଣର ଉଦୟ ହୁଏ। ଆଭାମୟ ଭୂପୁର ପ୍ରକାଶପାଏ। ଏହି ତ୍ରିକୋଣ ବା ଷଠ୍‌କୋଣ ମଧ୍ୟରେ ଥିବା ରୌଦ୍ରୀ ଶକ୍ତ ସ୍ଖଳନ ଫଳରେ ଅଷ୍ଟକୋଣ ସୃଷ୍ଟି କରନ୍ତି। ଏହାକୁ ଅଷ୍ଟଦଳପଦ୍ମର ପାଖୁଡ଼ା କୁହାଯାଏ। ଏହି ପାଖୁଡ଼ାରେ ଅଷ୍ଟଦେବୀ ଅବସ୍ଥାନ କରିଥାନ୍ତି। ଏହି ଅଷ୍ଟଦେବୀଙ୍କୁ ଅଷ୍ଟକୀଳା ବୋଲି ମଧ କୁହାଯାଏ। ଏହାହେଉଛି ଗୋଟିଏ ଚକ୍ରର ସ୍ୱରୂପ ଏହିଚକ୍ର ଉପରେ ବରୁଆ ଅବସ୍ଥାନ କରିଥାନ୍ତି। ଉକ୍ତ ଚକ୍ରପାଖରେ ମଦ,ମାଂସ, ମାଛ ନୈବେଦ୍ୟ ହେବାପରେ ମୁଦ୍ରା ରହିତ ବରୁଆ ମୈଥୁନ ଆଶାକରେ। ତେଣୁ ବଳିଯାତ୍ରାରେ ସୃଷ୍ଟିର ନିୟମ ସଦୃଶ ମୈଥୁନକୁ ବାରମ୍ବାର ପ୍ରତୀକୀତ କରାଯାଇଥାଏ। ସେଥିପାଇଁ ସୋନପୁରର ବଳିଯାତ୍ରାରେ ଖମ୍ବେଶ୍ୱରୀ, ସୁରେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ଦଶମତୀ, ନାରାୟଣୀ, ରାମଚଣ୍ଡୀ ଓ ବିମଳାକ୍ଷି ପରି ଅଷ୍ଟଚଣ୍ଡୀ ବା ଅଷ୍ଟଦେବୀଙ୍କୁ ଆବହନ କରିବାର ବିଧି ରହିଛି। ତେଣୁ ବଳିଯାତ୍ରା ତନ୍ତ୍ର-ମନ୍ତ୍ର-ଯନ୍ତ୍ରର ତ୍ରିଧାରା ମଧ୍ୟରେ ଗତିଶୀଳ।

ଯାନ୍ତ୍ରିକମାନେ ତ୍ରିକୋଣ, ଚତୁଷ୍କୋଣ, ଷଟ୍‌କୋଣ, ଅଗ୍ନିକୋଣ ବୃତ୍ତ ସହିତ ଚୌଦଳ, ଅଷ୍ଟଦଳ, ଦଶଦଳ, ଦ୍ୱାଦଶ ଦଳ, ଷୋଡ଼ଶ ଦଳ, ଶତଦଳ ଏପରିକି ସହସ୍ରଦଳ ପଦ୍ମର ଯନ୍ତ୍ରକାଟି ଉକ୍ତଯନ୍ତ୍ରରେ ବୀଜମନ୍ତ୍ରକୁ ବିଭିନ୍ନ ସ୍ଥାନରେ ସ୍ଥାପନ କରି ଦେବୀ ଆବହନ କରିଥାନ୍ତି। ତିଭୁଜର ରୂପ ଯୋନିର ସାଂକେତିକ ରୂପକଳ୍ପ ବୋଲି ପୂର୍ବରୁ କୁହାଯାଇଛି।

ସାଧକମାନେ ଯନ୍ତ୍ର ନିର୍ମାଣ ନିମନ୍ତେ ସାଧାରଣତଃ ପଞ୍ଚମୁରୁଜ ଯଥା- ଧଳା, କଳା, ନାଲି, ହଳଦି ଏବଂ ନୀଳ ରଙ୍ଗର ମୁରୁଜକୁ ବ୍ୟବହାର କରିତାନ୍ତି। ନୀତି ନିୟମ ଏବଂ ନିଷ୍ଠାର ସହିତ ବଳିଯାତ୍ରାରେ ଯନ୍ତ୍ର ଅଙ୍କନ କରାଯାଇ ପ୍ରାଣ ପ୍ରତିଷ୍ଠା କରାଗଲା ପରେ ତା ଉପରେ ସାଧକ (ବରୁଆ) ବସିଥାଏ। ଏବଂ ବରୁଆ ଶରୀରରେ ଦେବୀ ପ୍ରବେଶ କରିଥାନ୍ତି। ତେଣୁ ପ୍ରକୃତି-ପୁରୁଷ ଆଧାରରେ ବୌଦ୍ଧତନ୍ତ୍ର, ଶାକ୍ତତନ୍ତ୍ର ଏବଂ ଆଦିବାସୀ ତନ୍ତ୍ରର ପରମ୍ପରାକୁ ବହନ କରି ଅନୁଷ୍ଠିତ ହେଉଥିବାରୁ ଏହି ଯାତ୍ରାର ତନ୍ତ୍ର-ମନ୍ତ୍ର-ଯନ୍ତ୍ରରେ ତିନିଧାରାର ତତ୍ତ୍ୱ ଥିବା ଦେଖାଯାଏ। ଏହିଯାତ୍ରାରେ ମୁଖ୍ୟତଃ

ବାଉତୀ ଯନ୍ତ୍ର, ଭୁବନେଶ୍ୱରୀ ଯନ୍ତ୍ର, ମହାବଳି ଯନ୍ତ୍ର, ଡାଙ୍ଗୁଆ ବଳି ଯନ୍ତ୍ର ଅଙ୍କନ କରାଯାଇଥାଏ।

ପ୍ରାଚୀନ କାଳରେ ସୋନପୁର ବୌଦ୍ଧତନ୍ତ୍ର ପୀଠର ମାନ୍ୟତା ଲାଭ କରିଥିଲା। ବଜ୍ରଯାନର ପ୍ରବର୍ତ୍ତକ ଇନ୍ଦ୍ରଭୂତି ଏହି ଅଞ୍ଚଳରେ ବଜ୍ରଯାନର ପ୍ରବର୍ତ୍ତନ କରିଥିଲେ। ମହାବଳି ଯନ୍ତ୍ରର ମଧ୍ୟଭାଗରେ ଥିବା ୫ ସଂଖ୍ୟାଟି ପଞ୍ଚମ କାର (ମଦ, ମାଂସ, ମତ୍ସ, ମୁଦ୍ରା ଏବଂ ମୈଥୁନ)କୁ ସ୍ୱୀକୃତି ଦେଉଛି ବୋଲି ଗ୍ରହଣ କରାଯାଇପାରେ। ମୈଥୁନ ସର୍ବଶେଷ ଉପଚାର ହୋଇଥିବାରୁ ତନ୍ତ୍ର ପ୍ରଚଳିତ ମନ୍ଦିରଗୁଡ଼ିକରେ ବହୁପରିମାଣରେ ମୈଥୁନର ଚିତ୍ର ଦେଖିବାକୁ ମିଳେ। ସୋନପୁରର ସମଲେଶ୍ୱରୀ ମନ୍ଦିର କାନ୍ଥରେ ବହୁ ମୈଥୁନ ଚିତ୍ର ଅଙ୍କିତ ହୋଇଥିବାର ଦେଖିବାକୁ ମିଳେ। ମୈଥୁନ ସହିତ ଅନ୍ୟ ଚାରୋଟି ଉପଚାରର ମଧ ଘନିଷ୍ଠ ସମ୍ପର୍କ ରହିଥିବାର ଦେଖାଯାଏ। ବଜ୍ରଯାନୀମାନେ ପୁରୁଷ ଜନନେନ୍ଦ୍ରିୟକୁ ବଜ୍ର ଏବଂ ସ୍ତ୍ରୀ ଜନନେନ୍ଦ୍ରିୟକୁ ପଦ୍ମ ବୋଲି ବୋଲି ଅଭିହିତ କରିଛନ୍ତି। ତାଙ୍କ ମତରେ ବିନ୍ଦୁ ହେଉଛି ବଜ୍ରୋଦକ। ସୋନପୁର ବଳିଯାତ୍ରାରେ ବରୁଆ ବଜ୍ରକାଛା ଧାରଣ କରି ପଦ୍ମକଳ୍ପିତ ଯନ୍ତ୍ର ଉପରେ ଆରୂଢ଼ ହୁଏ। ତେଣୁ ଏହା ବୌଦ୍ଧତନ୍ତ୍ର ଦ୍ୱାରା ପ୍ରଭାବିତ।

ଉଆଁସ ବଳିରେ ସମଲେଇ ପୀଠରୁ ବୁଢ଼ାରଜା ପୀଠକୁ ବଳି ଯାତ୍ରା କରିଥାନ୍ତି। ସେଠାରେ କୁରେଇ ପତ୍ର ଏବଂ ମୁରୁଜରେ ଯନ୍ତ୍ର ଅଙ୍କନ କରାଯାଇଥାଏ। ସେହି ଯନ୍ତ୍ର ଉପରେ ବରୁଆକୁ ଚିତ୍ କରାଇ ଦେବୀଙ୍କୁ ଆବାହନ କରାଯାଏ। ଭରନିର ତାଳେ ତାଳେ ଦେବୀ ଆବିର୍ଭୂତା ହୁଅନ୍ତି ଏବଂ ବିଭିନ୍ନ ଭଙ୍ଗୀରେ ନୃତ୍ୟ କରନ୍ତି। ଠିକ୍ ସେହିପରି ଚତୁର୍ଥୀ ଦିନ ଖୌଳଫିଟା ବଳିରେ ଏତାଦୃଶ ଆଦିବାସୀ ତନ୍ତ୍ରର ସାଧନା ଦେଖିବାକୁ ମିଳେ। ଅମାବାସ୍ୟା ଦିନଠୁ ଗଣନା କରି ଚତୁର୍ଥୀ ପର୍ଯ୍ୟନ୍ତ ପାଞ୍ଚଦିନ ହେଉଥିବାରୁ ଏହାକୁଓ ମଧ ଖଉଳ ପଞ୍ଚମୀ ବୋଲି କୁହାଯାଏ। ଏହି ଦିନ ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ଥିବା ପୋଖରୀ ନିକଟରେ ଏକ ବୃକ୍ଷ ମୂଳରେ ଖଉଳ ଗାଡ଼ ବା ଗାତ (ବୀରମୂର୍ଚ୍ଛା ଗର୍ତ୍ତ)ରୁ ବରୁଆ ଖଉଳ ମାଟି ସଂଗ୍ରହ କରେ। ଏହାକୁ ଖଉଳ ଫିଟା ବୋଲି କୁହାଯାଏ। ଏହା ଏତେ ଗୁପ୍ତରେ କରାଯାଇଥାଏ ଯେ ସାଧାରଣ ଲୋକ ଏହାକୁ ଦର୍ଶନ କରିବା ନିଷେଧ। ଗଛରେ ବସିଥିବା ପକ୍ଷୀମାନଙ୍କୁ ମଧ ଉଡ଼ାଇ ଦିଆଯାଏ। କେବଳ ଖମ୍ବେଶ୍ୱରୀଆ ପୁରୋହିତ ଏବଂ ଖଉଳ ଫିଟା ଡାଙ୍ଗୁଆ ବରୁଆଙ୍କ ଉପସ୍ଥିତିରେ ସମାହିତ ହୋଇଥାଏ। ବରୁଆ ଏହି ନୀତି ସମାପନ ପରେ ମାଈଛେଳି ବଳି ଦିଆଯାଏ। ବରୁଆ ତ୍ରିବାର ଶବ୍ଦ କରନ୍ତି। ତ୍ରିଶବ୍ଦ ଶୁଣି ସାରିବା ପରେ ଡାଙ୍ଗୁଆ ବରୁଆର ଉପବାସରେ ଥିବା ସ୍ତ୍ରୀ ଉଲଗ୍ନ ହୋଇ ଦେବୀକୋଠରୀରେ ତ୍ରିଶବ୍ଦ ଶୁଣିବା ମାତ୍ରେ ପନିଖିରେ ଛେଳି କିମ୍ବା ମାଛ କାଟିପକାଏ। ଏହା ଲୋକ ବିଶ୍ୱାସ ଜନ୍ମାଏ ଯେ, ଏଥିରେ କିଛି ତ୍ରୁଟି ହେଲେ ବରୁଆର ମୃତ୍ୟୁ ହୁଏ। ବରୁଆ ତିନି କୁଣ୍ଡି ମାଟି ସଂଗ୍ରହ ପରେ ସୁରେଶ୍ୱରୀ ମନ୍ଦିରକୁ ଯାଏ ଏବଂ ଖାଉଳ ମାଟିରେ ପୂଜା ହୁଏ। ସୁରେଶ୍ୱରୀ ମନ୍ଦିରରେ ଗୋଟିଏ କୁଣ୍ଡି ରହେ। ଏବଂ ଆଉ ଦୁଇଟି କୁଣ୍ଡି ଖମ୍ବେଶ୍ୱରୀ ଏବଂ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଏ। ତାପରେ ପଶୁ ବଳି ଦିଆଯାଇ କୁଣ୍ଡିପୂଜା କରାଯାଏ। ଏହି ମାଟିକୁ ପରବର୍ତ୍ତି ବର୍ଷ ବଳିଯାତ୍ରାରେ ବ୍ୟବହାର କରାଯାଏ। କାରଣ ଏହି କୁଣ୍ଡିରେ ଥିବା ଖଉଳ ମାଟି ବରୁଆର ନାଭି ମଣ୍ଡଳରେ ଲଗାଇଦେଲେ ବରୁଆ ଶରୀରରେ ଦୈବୀଶକ୍ତି ଉଭା ହୁଏ।

'ଖଉଳ'ର ଅର୍ଥ ଗାତ। 'ଫିଟାଇବା'ର ଅର୍ଥ ମୁକୁଳିବା। ଆଦିବାସୀ ତନ୍ତ୍ରଧାରାର ଏହା ଏକ ପର୍ବ ହୋଇଥିବାରୁ ଏହାର ଗୂଢ଼ ତତ୍ତ୍ୱ ଏବଂ ରହସ୍ୟକୁ ଭେଦକରି ଆଦିବାସୀମାନେ ପ୍ରକୃତି ଏବଂ ପୁରୁଷର ଯୌନତତ୍ତ୍ୱ ରହସ୍ୟକୁ ଉନ୍ମୋଚନ କରିବା ପାଇଁ ଖଉଳ ଗାତର ପୂଜା କରୁଥିଲେ। ତେଣୁ ଏହା ହେଉଛି ନାରୀପୁରୁଷ ମିଳନର ଏକ ସାଂକେତିକ ରୂପ। ପରବର୍ତ୍ତୀ ସମୟରେ ସୋନପୁରରେ ବଜ୍ରଯାନ ଏବଂ ସହଜଯାନର ପ୍ରଚଳନ ଦ୍ୱାରା ଏହି ତତ୍ତ୍ୱ ପଞ୍ଚ ମ'କାର (ମଦ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ) ପ୍ରଭାବିତ ହୋଇଛି। ବରୁଆ ଗାତ ଭିତରେ ଅଙ୍ଗୁଳି ପୁରାଇ ତିନୋଟି ଚିତ୍କାର କରିବା ଯୌନତତ୍ତ୍ୱର ଗୂଢ଼ ରହସ୍ୟ ଜନିତ ସନ୍ତୁଷ୍ଟିକୁ ସୂଚାଉଛି।

ଖାଉଳଗାତରେ ଦିଆଯାଉଥିବା ରକ୍ତ ଗୁହ୍ୟ ନୀତିରେ କରାଯାଇଥାଏ। ଖାଉଳ ଗାତ ସ୍ତ୍ରୀ ଯୌନାଙ୍ଗକୁ ପ୍ରତିକୀତ କରେ। ଖାଉଳ ଗାତରେ ପଶୁଥିବା ବରୁଆର ହସ୍ତ ଲିଙ୍ଗ ସ୍ୱରୂପ ଶିବଙ୍କର ପ୍ରତୀକ। ଖାଉଳ ଗାତ ଶକ୍ତିଙ୍କୁ ସୂଚାଏ। ତେଣୁ ଏହି ଖାଉଳ ଗାତରେ ଶକ୍ତିଙ୍କୁ ପୂଜା କରାଯାଇଥାଏ। ହିନ୍ଦୁ ତନ୍ତ୍ରର ଶିବ ଓ ଶକ୍ତି, ବୌଦ୍ଧ ତନ୍ତ୍ରର ପ୍ରଜ୍ଞା ଏବଂ ଉପାୟର ପ୍ରଭାବ ଏଥିରେ ଅନୁସୃତ ହୋଇଅଛି। ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଉପଖଣ୍ଡରେ ସିନ୍ଧେକେଲା ଏବଂ ଖଡ଼ିଆଲର ଦୁଆରସେନୀଙ୍କୁ ଏହିପରି ଗର୍ତ୍ତ କରି ପୂଜା କରାଯାଏ। ଭବାନୀପାଟଣାର ମା ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ଜେନାଖାଲର ସ୍ୱରୂପ ମଧ ଏତାଦୃଶ। ଏଥିରୁ ଅନୁମାନ କରାଯାଇ ପାରେ କି ଶକ୍ତି ଉପାସନା ଯୋନି ଉପାସନାରୁ ପ୍ରଥମେ ଆରମ୍ଭ କରାଯାଇଥିଲା। କଳାହାଣ୍ଡିର ମାରାଡ଼ାଗୁଡ଼ାରୁ ପ୍ରସ୍ତର ନିର୍ମିତ ଏକ ପୂଜିତ ଯୋନି ମିଳିଛି।

ଅଷ୍ଟମୀ ତିଥିରେ ପୂର୍ବକାଳରେ ଅଷ୍ଟଚଣ୍ଡୀଙ୍କ ନିକଟରେ ବଳି ପଡୁଥିଲା। ଏହି ଦିନ ରାତିରେ ସୋନପୁରର ଚାରିଘାଟ (ରାଜଘାଟ, ଗୌରୀଘାଟ, କଦମ୍ବଘାଟ, ସମଲାଇଘାଟ), ଚାରି ଟିକିରା ବା ନାଳ ( ଶଶିସେଣା ଟିକିରା, ରଣରାହୁ ଟିକିରା, ହୁଲଭଙ୍ଗ ଟିକିରା, ଖୁଲିୟା ଟିକିରା), ଚାରିଗାଡ଼ ବା ଖାଲ (ମନାଇ ଗାଡ଼, ଦନାଇଡ଼, ମହୀଗାଡ଼, କହ୍ନାଇ ଗାଡ଼) ଏବଂ ଚାରିବାଟ (ଖମ୍ବେଶ୍ୱରୀ ବାଟ, କୁଲିପଡ଼ା ବାଟ, ବୁଢ଼ାରଜା ବାଟ, ସମଲାଇ ବାଟ)ରେ ମାଳି ବରୁଆମାନଙ୍କ ଦ୍ୱାରା ଗୁପ୍ତ ତନ୍ତ୍ରପୂଜା କରାଯାଇଥାଏ। ଏଥିସହ ସୋନପୁରର ଚାରିଯୋଡ଼ ସ୍ତମ୍ଭ ଯଥା- ସମଲେଶ୍ୱରୀ ଯୋଡ଼ା ସ୍ତମ୍ଭ, ଖମ୍ବେଶ୍ୱରୀ ଯୋଡ଼ାସ୍ତମ୍ଭ, ରାଜାଘର ଯୋଡ଼ା ସ୍ତମ୍ଭ ଏବଂ ଘୋଡ଼ାଘାଟପଡ଼ା ଯୋଡ଼ା ସ୍ତମ୍ଭ ସମେତ ଅଷ୍ଟଚଣ୍ଡୀଙ୍କ ପାଖରେ ମହାଖଳା ପୂଜା ହୁଏ। ଏହା ଗୁପ୍ତତନ୍ତ୍ରରେ ହୁଏ।

ନବମୀ ତିଥିରେ ତିନୋଟି ବଳି ଅନୁଷ୍ଠିତ ହୁଏ। ଯଥା-

ଗାଏନ୍ ବଳି, ଡାଙ୍ଗୁଆ ବଳି ଏବଂ ମହାବଳି। ଏଥିରୁ ଡାଙ୍ଗୁଆ ବଳି ଏବଂ ମହାବଳି ତନ୍ତ୍ରାଶ୍ରିତ। ଡାଙ୍ଗୁଆ ବଳିର ଅନ୍ୟନାମ ନଗର ନାଏକେନ। ଚାରିଘରିଆମାନେ ମଶାଲତୀ ଧରି ଡାଙ୍ଗୁଆ ବରୁଆଙ୍କ ଘରକୁ ଯାଇଥାନ୍ତି। ସେଠାରେ ଡାଙ୍ଗୁଆ ବରୁଆ ତନ୍ତ୍ର ପୂଜା କରୁଥାନ୍ତି। ବରୁଆକୁ ସାତବନ୍ଧର ହନୁମାନ ଘାଟରେ ଶୁଦ୍ଧସ୍ନାନ ପରେ ବଜ୍ରକାୟା ପିନ୍ଧାଇ ଖମ୍ବେଶ୍ୱରୀ ମନ୍ଦିରକୁ ଅଣାଯାଇଥାଏ। ସେଠାରେ ଅଙ୍କିତ ହନୁମାନ ଯନ୍ତ୍ରରେ ସେ ଆରୂଢ଼ହୋଇଥାନ୍ତି। କପାଳରେ ଓଲଟା ତ୍ରିକୋଣରେ ସିନ୍ଦୁର ଲଗାଇଥାନ୍ତି। ସେଥିପାଇଁ ସେ ହନୁମାନଙ୍କ ପରି ନୃତ୍ୟ କରିବା ସହ ଦୌଡ଼ିଥାନ୍ତି। ଏହାର ଉଦ୍ଦେଶ୍ୟ ହେଲା ପରବର୍ତ୍ତୀ ମହାବଳି ନିମନ୍ତେ ନଗରବାସୀଙ୍କୁ ସଚେତନ କରାଇବା। ଆଦିବାସୀ ସମାଜରେ ଡେଙ୍ଗୁରା ଦେଉଥିବା ପ୍ରଜାକୁ ଡାଙ୍ଗୁଆ ବୋଲି କୁହାଯାଏ। ସେମାନେ ହନୁମାନଙ୍କ ଭକ୍ତ ଓ ହନୁମାନଙ୍କ ପରି ବଳଶାଳୀ। କଥିତ ଅଛିକି ଗଗନ ନାମୀ ସୋନପୁର ରାଜାଙ୍କର ଜଣେ ପହିଲମାନ ଥିଲା। ଡାଙ୍ଗୁଆ ବୃଦ୍ଧ ପ୍ରଜା ଜଣେ ତନ୍ତ୍ରମନ୍ତ୍ରରେ ସେ ପହିଲମାନକୁ ପରାସ୍ତ କରିଥିଲା। ତେଣୁ ଏହି ଡାଙ୍ଗୁଆ ବଳି ଆଦିବାସୀ ତନ୍ତ୍ର ସହିତ ସହବନ୍ଧିତ।

ମହାନବମୀ ତିଥିରେ ଖମ୍ବେଶ୍ୱରୀଆ ପୁରୋହିତ କଳାଧଳା ଛତ୍ର ଏବଂ କନକଦୁର୍ଗାଙ୍କ ସମ୍ମୁଖରେ ଅରୁଆ ଚାଉଳରେ ଯନ୍ତ୍ର ଅଙ୍କନ କରିଥାନ୍ତି। ଖମ୍ବେଶ୍ୱରୀଙ୍କ ପଛପଟେ ମହାବଳି ବରୁଆକୁ ବଜ୍ରକଚ୍ଛା ଏବଂ ରକ୍ତରଙ୍ଗର କଚ୍ଛା ପିନ୍ଧାଇ ନାଭିରେ ଖଉଳ ମାଟି ଦେଇ ଦୈବୀ ଶକ୍ତିର ଆବାହନ କରାଯାଏ। ସଂଜ୍ଞାହୀନ ପରେ ତାକୁ ଯନ୍ତ୍ର ଉପରେ ଚିତ୍‌କରି ଶୁଆଦିଆଯାଏ। ବହୁ ସମୟ ଖୋଲ ଭରନି ବାଜିବା ଏବଂ ମାଳଶ୍ରୀ ଗାଇବା ପରେ ମହାବଳି ଛତ୍ରଧରି ଉଦଣ୍ଡ ନୃତ୍ୟ କରନ୍ତି। ତାଜା ପଶୁ ରକ୍ତ ପାନକରିବା ସହିତ ଶରୀରରେ ବହୁତ ଦହି ମାଖିଥାନ୍ତି।

ଦଶମୀ ତିଥିରେ ସମଲେଶ୍ୱରୀ ମନ୍ଦିରରେ ଦଶହରା ବଳି ଅନୁଷ୍ଠିତ ହୁଏ। ମନ୍ଦିର ଭିତରେ ବରୁଆ ଦେହରେ ଖାଉଳ ମାଟି ଲଗାଇ ସାରିଲା ପରେ ତାକୁ ବୋହି ଆଣି ଯନ୍ତ୍ରଉପରେ ଉତ୍ତରକୁ ଚିତ୍ କରି ଶୁଆଇ ଦିଆଯାଏ। ବରୁଆ ଦେହରେ ଦେବୀ ଆବିର୍ଭୂତା ହୁଅନ୍ତି। ସମଲେଶ୍ୱରୀ ମନ୍ଦିରରେ ଦଶମୀ ବଳି ସମାପନ ହୁଏ।

ସୋନପୁରର ଲୋକପର୍ବ ବଳିଯାତ୍ରାରେ ସମୟକ୍ରମେ ଆଦିବାସୀ ତନ୍ତ୍ର, ହିନ୍ଦୁ ତନ୍ତ୍ର ଏବଂ ବୌଦ୍ଧ ତନ୍ତ୍ରର ପ୍ରଭାବ ଦେଇ ସମ୍ପ୍ରତି ତା'ର ମିଶ୍ରିତ ରୂପ ସଂସ୍କାରିତ ହୋଇ ପ୍ରଚଳିତ ହୋଇଆସୁଛି। ଆଦିବାସୀମାନଙ୍କ ଦ୍ୱାରା ପ୍ରାଚୀନ କାଳରୁ ହୋଇଆସୁଥିବା ବୁଢ଼ାରଜା ବଳି ସମୟକ୍ରମେ ସୋନପୁର ରାଜବଂଶ ସଂସ୍ପର୍ଶରେ ଆସି ଶାକ୍ତମତକୁ ଗ୍ରହଣ କରିଛି। ବୌଦ୍ଧ ଓ ବ୍ରାହ୍ମଣମାନଙ୍କ ମନ୍ତ୍ର-ତନ୍ତ୍ର-ଯନ୍ତ୍ରର ତ୍ରିବିଦ୍ଧ ସାଧନା ଆଦିବାସୀମାନଙ୍କୁ ପ୍ରଭାବିତ କରିଛି। ସେମାନଙ୍କ ଦେବଦେବୀଙ୍କୁ ଅଧିକ ରହସ୍ୟମୟ କରିବା ପାଇଁ ଏହି ତ୍ରିସାଧନା ସହିତ ଯୋଡ଼ିହେବାକୁ ଆଦିବାସୀମାନେ ବାଧ୍ୟ ହୋଇଛନ୍ତି। ତେଣୁ ସୋନପୁରର ଅନାର୍ଯ୍ୟ ସମାହିତ ବଳିଯାତ୍ରା ଆର୍ଯ୍ୟ ସଂସ୍କାରିତ ଏକ ମିଶ୍ରିତ ଗଣପର୍ବରେ ପରିଣତ ହୋଇ ମନ୍ତ୍ର-ତନ୍ତ୍ର-ଯନ୍ତ୍ରର ଏକ ପ୍ରାଚୀନ ପୀଠ ଭାବରେ ପରିଚୟ ଦେଇଆସୁଛି।

## ସହାୟକ ଗ୍ରନ୍ଥସୂଚୀ

୧. ପଟ୍ଟନାୟକ, ଆଶୁତୋଷ ଏବଂ ପରିଜା ଗଣେଶ ପ୍ରସାଦ। ୧୯୮୨। ଓଡ଼ିଆ ସାହିତ୍ୟରେ ତନ୍ତ୍ରର ପ୍ରଭାବ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ ।

୨. କେଦାରନାଥ ଗବେଷଣା ପରିଷଦ। ୧୯୯୭। ଓଡ଼ିଶାର ତନ୍ତ୍ର ସଂସ୍କୃତି। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ।

୩. ମିଶ୍ର, ପୁରୁଷୋତ୍ତମ। ୨୦୨୦। ସୁବର୍ଣ୍ଣପୁରର ଲୋକସଂସ୍କୃତି। ବଲାଙ୍ଗୀର: ବୀଣାପାଣି ପ୍ରକାଶନ।

୪. ନାଏକ, ସୁଦାମା। ୨୦୨୨। ସୁବର୍ଣ୍ଣପୁରର ଇତିହାସ। କଟକ: ଚନ୍ଦନ ବୁକ୍ସ, ମହମ୍ମଦିଆ ବଜାର।

୫. ନାଏକ ସୁଦାମା। ୨୦୨୩। ମନ୍ଦିର ମାଳିନୀ ସୁବର୍ଣ୍ଣପୁର। ସୁବର୍ଣ୍ଣପୁର: ନିସାନ ପ୍ରକାଶନୀ, ରାଏପାଲି ।

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

About the Licenses
© Santosa Bhoi 2024. The text of this article is open access and licensed under a Creative Commons Attribution 4.0 International License

Cite this Article :
Santosha Bhoi, Tantradharaare Sonapurara Balijatra, Bageesha, Vol. No. 02, Issue No. 06, November - December 2024, Article No: BM2024/06-A003 | Page- 19-24

●